## PANCHAYATIRAJ & DRINKING WATER DEPARTMENT

## PRESS BRIEF

Government of Odisha have taken a decision for execution of Rural Piped Water Supply Project under one package to provide safe drinking water in the mining affected areas of Keonjhar District out of OMBADC & DMF funding. By this project, 4,13,919 people of 589 villages under 89 GPs of 04 Blocks of the District will be provided with safe drinking water. On this account, 87,906 people of 121 villages under Champua Block, 74,765 people of 96 villages under Jhumpura Block, 1,43,198 people of 206 villages under Keonjhar Block and 1,08,050 people of 166 villages under Bansapal Block of Keonjhar District will be benefited.

Now Cabinet have approved the lowest tender of M/s. Larsen & Toubro Ltd., Chennai amounting to **Rs. 979.82 Crore** for execution of above work. The work is targeted for completion within a period of 24 months.

# ପଞ୍ଚାୟତି ରାଜ ଓ ପାନୀୟଜଳ ବିଭାଗ

## ପ୍ରେସ ବିବୃତ୍ତି

ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ରାଜ୍ୟ ସରକାରଙ୍କ ପ୍ରମୁଖ ଦାୟିତ୍ୱ । ରାଜ୍ୟର କେନ୍ଦୁଝର ଜିଲ୍ଲାର ୪ଟି ବ୍ଲକ ଅନ୍ତର୍ଗତ ୫୮୯ ଗୋଟି ଗ୍ରାମରେ ଭୂତଳ ଜଳ ଖଣି ଦ୍ୱାରା ପ୍ରଭାବିତ ହୋଇଥିବା ପରିପ୍ରେକ୍ଷୀରେ, ଏହି ସମସ୍ତ ଗ୍ରାମକୁ ଓଡିଶା ମିନେରାଲ ବିୟରିଙ୍ଗ ଏରିୟା ଡେଭେଲପମେଣ୍ଟ କର୍ପୋରେସନ (OMBADC) ଏବଂ ଜିଲ୍ଲା ଖଣିଜ ସଂସ୍ଥାନ (DMF) ଅର୍ଥ ସହାୟତାରେ ଭୂପୃଷ୍ଠ ଜଳକୁ ବିଶୋଧନ କରାଯାଇ ବିଶୁଦ୍ଧ ଜଳ ଯୋଗାଇ ଦେବା ନିମନ୍ତେ ଗୋଟିଏ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ କୁ EPC ନିବିଦା ମାଧ୍ୟମରେ କାର୍ଯ୍ୟକାରୀ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।

ଉକ୍ତ ପ୍ରକଳ୍ପ ଦ୍ୱାରା କେନ୍ଦୁଝର ଜିଲ୍ଲାର ୪ ଗୋଟି ବ୍ଲକ ଅଧିନରେ ଥିବା ୮୯ ଗୋଟି ଗ୍ରାମପଞ୍ଚାୟତର ୫୮୯ ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୪,୧୩,୯୧୯ ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯିବ । ଯାହାଦ୍ୱାରା ଚମ୍ପୁଆ ବ୍ଲକ ଅନ୍ତର୍ଗତ ୧୨୧ ଟି ଗ୍ରାମର ୮୭୯୦୬; ଝୁମ୍ପୁରା ବ୍ଲକ ଅନ୍ତର୍ଗତ ୯୬ ଟି ଗ୍ରାମର ୭୪୭୬୫; କେନ୍ଦୁଝର ବ୍ଲକ ଅନ୍ତର୍ଗତ ୨୦୬ ଟି ଗ୍ରାମର ୧୪୩୧୯୮ ଓ ବାଂଶପାଳ ବ୍ଲକ ଅନ୍ତର୍ଗତ ୧୬୬ ଟି ଗ୍ରାମର ୧୦୮୦୫୦ ଜନସାଧାରଣ ଉପକୃତ ହୋଇପାରିବେ ।

ବର୍ତ୍ତମାନ ରାଜ୍ୟ କ୍ୟାବିନେଟ, ଉକ୍ତ ପ୍ରକଳ୍ପର କାର୍ଯ୍ୟ ସମ୍ପାଦନ ନିମନ୍ତେ ଠିକାଦାର M/s Larsen & Toubro Ltd., Chennai ଙ୍କ ୯୭୯ କୋଟି ୮୨ ଲକ୍ଷ ଟଙ୍କାର ସର୍ବନିମ୍ନ ନିବିଦା କୁ ଅନୁମୋଦନ କରିଛନ୍ତି । ଉକ୍ତ ପ୍ରକଳ୍ପ ୨୪ ମାସ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବାପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।